# ସତ୍ୟବାର୍ତ୍ତା

# THE VOICE OF TRUTH

**July & August 1997**

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

**Vol. 2 July & August 1997 No. 4**

Published every two months in Oriya Language for the Restoration of pure New Testament Christianity

## ORIYA BIBLES

We supply Oriya Bibles at Rs. 35/- each and Rs. 15/- for postage. please send Rs. 50/- by M.O. if you are in need of Oriya Bibles to:

**SATYA VANI**

P.O. Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**Vol. 10** **JULY AUGEST.**


ଯୀଶୁ ଖ୍ରୀଷ୍ଟଙ୍କୁ କାହିଁକି ଆପଣ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବା ଉଚିତ ? ( **Why you should believe that Jesus Chrirt is the son of God** )

ଆପଣ ଯଦି ଯୀଶୁ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରୁ ନାହାନ୍ତି ତାହା ହେଲେ ଏହି ଅଧ୍ୟାୟ ଆପଣଙ୍କ ନିମନ୍ତେ ଲିଖିତ ହୋଇଅଛି । ଅନେକ ପ୍ରମାଣ ତଥା ସାକ୍ଷ୍ୟ ଯୀଶୁ ଖ୍ରୀଷ୍ଟଙ୍କୁ କେବଳ ଜଣେ ମନୁଷ୍ୟ ବା ଭାବବାଦୀ ଠାରୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରେ । ଅନ୍ୟ ପକ୍ଷରେ ସେ ବାକ୍ୟାନୁଯାୟୀ ଈଶ୍ୱରଙ୍କ ଏବଂ ଅନେକ କାରଣ ଦ୍ୱାରା ଆମ୍ଭେମାନେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ପ୍ରମାଣିତ କରି ପାରିବା ।

୧) ଯୀଶୁ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ଆଦି ୧ : ୨୬ରେ ଏପରି ଲେଖାଯାଏ ଏଥି ଉତ୍ତାରୁ ପରମେଶ୍ୱର କହିଲେ ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟ ନିର୍ମାଣ କରୁଁ । ଯୋହନ ୧ ଅଧ୍ୟାୟରେ ଦେଖ ଯେ 'ଆଦ୍ୟରେ ବାକ୍ୟଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ ସେହି ବାକ୍ୟ ଈଶ୍ୱର ଥିଲେ' ତତ୍ପରେ ସେ କହନ୍ତି ସେହି ବାକ୍ୟ ହିଁ ଖ୍ରୀଷ୍ଟ ଅଟନ୍ତି ।

୨) ଯୀଶୁଙ୍କ ବିଷୟରେ ଭବିଷ୍ୟତ ବାଣୀ ହୋଇଥିଲା । ଯିଶାଇୟ ୫୩ ଅଧ୍ୟାୟରେ ଭାବବାଦୀ ଯିଶାଇୟ ଖ୍ରୀଷ୍ଟଙ୍କ ବିଷୟରେ ତଥା ତାହାଙ୍କ ଆଗମନର ଉଦ୍ଦେଶ୍ୟ ମଧ୍ୟ ବର୍ଣ୍ଣନା କରି ଅଛନ୍ତି । ପ୍ରେରିତ ୮ : ୩୨-୩୫ ପଦଗୁଡ଼ିକରେ ନପୁଂସକ ଯିଶାଇୟ ୫୩ ଅଧ୍ୟାୟ

ଅଧ୍ୟୟନ କରୁଥିବା ବେଳେ ଫିଲିପ ତାହାଙ୍କ ନିକଟରେ ପହଞ୍ଚିଥିଲେ ବୋଲି ଲେଖାଯାଏ । ତତ୍ପରେ ଫିଲିପ ସେହି ଅଧ୍ୟାୟ ମାଧ୍ୟମରେ ନପୁଂସକଙ୍କୁ ଖ୍ରୀଷ୍ଟଙ୍କୁ ପ୍ରଚାର କଲେ । ତଦ୍ୱାରା ଯିଶାଇୟ ଭବବାଦୀ ଖ୍ରୀଷ୍ଟଙ୍କ ବିଷୟରେ ଭବବାଣୀ ଏହି ଅଧ୍ୟାୟରେ ଲେଖି ଅଛନ୍ତି ବୋଲି ଆମ୍ଭେମାନେ ଜାଣିପାରୁ । ଏହିପରି ଅନେକ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ଭବବାଣୀ ପୁରାତନ ନିୟମରେ ଆମ୍ଭେମାନେ ପଢ଼ିପାରିବା ।

---

୩) ଯୀଶୁ କନ୍ୟା ଗର୍ଭରୁ ଜାତ । ଅର୍ଥାତ୍ ତାଙ୍କର ଜାଗତିକ ପିତା କେହି ନଥିଲେ । ଅନ୍ୟ ପକ୍ଷରେ ଈଶ୍ୱର ହିଁ ତାଙ୍କର ପିତା ଅଟନ୍ତି । ସେ ଆପଣା ସ୍ୱର୍ଗୀୟ ପିତାଙ୍କ ଛାଡ଼ି ଏହି ଜଗତରେ ନମ୍ର ଭାବେ ମନୁଷ୍ୟ ରୂପେ ଧାରଣ କଲେ । କନ୍ୟା ଗର୍ଭରୁ ଜାତ ହେବା ଗୋଟିଏ ଆଶ୍ଚର୍ଯ୍ୟମୟ ଘଟଣା । ଏହା ମଧ୍ୟ ଯିଶାଇୟ ୭-୧୪ରେ ଲିଖିତ ଭବବାଣୀର ସଫଳତା ( ମାଥି: ୧୮-୨୫ ଯିଶା ୭ : ୧୪ )

୪) ଯୀଶୁ ଜଣେ ସିଦ୍ଧ ପୁରୁଷ ଥିଲେ । ସମସ୍ତ ଜଗତରେ ସେ ଜଣେ ହିଁ ଶୁଦ୍ଧ ଜୀବନ ବା ପାପରହିତ ଜୀବନଯାପନ କରିଥିଲେ । ପ୍ରେରିତ ପିତରଙ୍କ ଅନୁଯାୟୀ ଆମ୍ଭେମାନେ ତାହାଙ୍କ ପଦ ଚିହ୍ନରେ ଗମନ କରିବା ଉଚିତ । 'ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳ କଥା ନଥିଲା' । ୧ମ ପିତ ୨ : ୨୨) ତାହାଙ୍କ ପାପ ରହିତ ଜୀବନ ସକାଶୁ ସେ ପାପୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଥିଲେ ଓ ଜଗତରେ ଆଶାର ଦୀପ ଜଳାଇଥିଲେ । ( ୧ମ ଯୋହନ ୩-୫ )

୫) ଯୀଶୁ ଭବବାଣୀଗୁଡିକ ସଫଳ କରିବା ନିମନ୍ତେ ଏ ଜଗତରେ ଜନ୍ମିଥିଲେ । 'ମୁଁ ଯେ ବ୍ୟବସ୍ଥା କି ଭବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି' ଏପରି ଭାବନାହିଁ, ଲୋପ କରିବାକୁ ଆସିନାହିଁ ବରଂ ସଫଳ କରିବାକୁ ଆସିଅଛି' ( ମାଥି— ୫ : ୧୭ )

୭) ଯୀଶୁ ଅନେକ ଆଶ୍ଚର୍ଯ୍ୟ କର୍ମ କରିଥିଲେ ସେ ରୋଗୀମାନଙ୍କୁ ସୁସ୍ଥ କଲେ ସେ ବଧିରମାନଙ୍କୁ ଶୁଣିବା ପାଇଁ, ମୂକମାନଙ୍କୁ କଥା କହିବା ପାଇଁ ଖଞ୍ଜମାନଙ୍କୁ ଚାଲିବା ପାଇଁ ଶକ୍ତି ଦେଇଥିଲେ । ତଥା ମୃତମାନଙ୍କୁ ଜୀବିତ କରିଥିଲେ । ସେ ସମସ୍ତ ପ୍ରକାର ରୋଗୀ- ସୁସ୍ଥ କଲେ, ଅନେକ ସଂଖ୍ୟକ ଜନତାକୁ ଖାଦ୍ୟ ଯୋଗାଇ ଥିଲେ ଏବଂ ଜଳ ଉପରେ ମଧ୍ୟ ଚାଲିଥିଲେ । ଲେଖାଯାଏ ଅନେକ ତାହାଙ୍କ ସାଧିତ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ଦେଖି ତାହାଙ୍କ ଠାରେ ବିଶ୍ୱାସ କଲେ" (ଯୋହନ ୨ : ୨୩) ।

୮) ଯୀଶୁଙ୍କର ଶିଷ୍ୟମାନେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିଥିଲେ । ଶିମୋନ ପିତର କହିଲେ, ଆପଣ ଖ୍ରୀଷ୍ଟ ଜୀବନ୍ତ ଈଶ୍ୱରଙ୍କ ପୁତ୍ର' (ମାଥିଉ ୧୬ : ୧୬) ।

୮) ଯୀଶୁଙ୍କୁ, ଶୟତାନ ମଧ୍ୟ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିଥିଲେ । 'ପୁଣି ଭୂତମାନେ ଚିତ୍କାର କରୁଁ କରୁଁ ତୁମ୍ଭେ ଈଶ୍ୱରଙ୍କ ପୁତ୍ର ବୋଲି କହି ଅନେକଙ୍କ ଠାରୁ ବାହାର ଗଲେ । ଆଉ ସେ ସେମାନଙ୍କୁ ଧମକ ଦେଇ କଥା କହିବାକୁ ଦେଲେ ନାହିଁ, କାରଣ ସେ ଯେ ଖ୍ରୀଷ୍ଟ ଏହା ସେମାନେ ଜାଣିଥିଲେ' (ଲୂକ ୪ : ୧୪)

୯) ଅନେକେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କଲେ । 'ତାହା ହେଲେ ଯାହାଙ୍କୁ ଈଶ୍ୱର ପବିତ୍ର କରି ଜଗତକୁ ପ୍ରେରଣ କଲେ, ତାହାଙ୍କୁ କଅଣ ତୁମ୍ଭେମାନେ ମୁଁ ଈଶ୍ୱରଙ୍କ ପୁତ୍ର ଏହା କହିବାରୁ ତୁ ଈଶ୍ୱର ନିନ୍ଦା କରୁଅଛୁ ବୋଲି କହୁ ଅଛ ?' (ଯୋହ ୧୦ : ୩୬) ।

୧୦) ଯୀଶୁ ଈଶ୍ୱରଙ୍କ ପୁତ୍ର ବୋଲି ଆପେ ସ୍ୱୀକାର କଲେ ସେ ଈଶ୍ୱରଙ୍କ ପୁତ୍ର ବୋଲି ଗୌରବାନ୍ୱିତ ହେବା ନିମନ୍ତେ ଲୋଜାରଙ୍କୁ ଜୀବିତ କଲେ (ଯୋହ ୧୧ : ୪)

୧୧) ଯୀଶୁଙ୍କୁ ଈଶ୍ୱର ଆପଣା ପୁତ୍ର ରୂପେ ସ୍ୱୀକାର କଲେ 'ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କ ଠାରେ ଆମ୍ଭର ପ୍ରଥମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର' (ମାଥିଉ ୧୭ : ୫)

୧୨) ଯୀଶୁ ମୃତ୍ୟୁଠାରୁ ପୁନରୁତ୍ଥିତ ହେଲେ । 'କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍‌ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ' ( ରୋମୀୟ ୧ : ୪ ) ।

୧୩) ଯୀଶୁ ତାହାଙ୍କ ଠାରେ ବିଶ୍ୱାସ କରିବା ଲୋକମାନଙ୍କୁ ଜୀବନ ପ୍ରଦାନ କରନ୍ତି । 'କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କରଯେ ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ ଏଥି ନିମନ୍ତେ ଏହି ସବୁ ଲେଖା ଯାଇଅଛି' ( ଯୋହନ ୨୦ : ୧୩ )

୧୪) ଯୀଶୁ ପୁନର୍ବାର ଆସିବେ । 'ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି । ( ଯୋହନ ୧୪ : ୩ )

୧୫) ଯୀଶୁଙ୍କୁ ଜାଗତିକ ଇତିହାସ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରେ

୧୬) ଯୀଶୁ ଆଜି କାଲି ଓ ସଦାସର୍ବଦା ଜୀବିତ ଅଟନ୍ତି । ଯୀଶୁଙ୍କ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରମାଣିତ କରିବା ପାଇଁ ପ୍ରକୃତରେ କାଗଜ ନିଅଣ୍ଟ ହେବ । କିନ୍ତୁ ଉପର ଲିଖିତ ଅଂଶଗୁଡ଼ିକ ଉପରେ ଆପଣ ଧ୍ୟାନ ଦେବେ ବୋଲି ମୋର ଆଶା ।

ଆପଣ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ କିଅଣ ବିଶ୍ୱାସ କରୁଅଛନ୍ତି ? ଯଦି କରି ଅଛନ୍ତି ତାହାଙ୍କୁ ସ୍ୱୀକାର କର ( ମାଥିଉ ୧୦ : ୩୨ ) ଏବଂ ତାହାଙ୍କ ଦ୍ୱାରା ପରିତ୍ରାଣ ପାଇବା ନିମନ୍ତେ ତାହାଙ୍କ ଆଜ୍ଞା ସବୁ ପାଳନ କର ( ପ୍ରେରିତ ୨ : ୩୮, ମାର୍କ ୧୬ : ୧୬ ଗାଲା— ୧ : ୨୭ ) ।

—J. C. Choate

—o—

## ବିଶ୍ରାମ ଦିନ କିଏ ପରିବର୍ତ୍ତନ କଲେ ?

## ( Who Changed the Sabbath )

ରୋମାନ୍ କାଥ୍‌ଲିକ ମଣ୍ଡଳୀ ବିଶ୍ରାମ ବାରରୁ ଆରାଧନା ଦିବସ ରବିବାରକୁ ବଦଳାଇଥିଲେ ବୋଲି ଏକ ଭ୍ରମ ମତବାଦ ରହିଅଛି । କିନ୍ତୁ ଈଶ୍ବରଙ୍କ ବାକ୍ୟ ଏ ବିଷୟରେ ସୁସ୍ପଷ୍ଟଭାବେ ବର୍ଣ୍ଣନା କରେ ।

### କ୍ରୁଶରେ ଅନ୍ତ ହୋଇ ଅଛି—

ଶନିବାର ଦିନରେ ପାଳନ କରିଯାଇଥିବା ବିଶ୍ରାମବାର, ଖ୍ରୀଷ୍ଟିୟାନମାନେ ଆରାଧନା ଦିବସ ରୂପେ ପାଳନ କରିଯିବା ଅନାବଶ୍ୟକ । କାରଣ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟ ସେହି ପୁରାତନ ନିୟମକୁ କ୍ରୁଶରେ ହତ ହୋଇ ଅନ୍ତ କରିଅଛନ୍ତି । ଏହି ଅନୁଗ୍ରହ ଯୁଗରେ ଅର୍ଥାତ୍ ଖ୍ରୀଷ୍ଟିୟାନ ଯୁଗରେ ଆମ୍ଭେମାନେ ଆଉ ମୋଶାଙ୍କ ଅଧୀନରେ ନୋହୁଁ, କିନ୍ତୁ ଖ୍ରୀଷ୍ଟଙ୍କ ଅଧୀନସ୍ଥ ଅଟୁଁ । ଯାହାକି ନୂତନ ନିୟମ ( ଏବ୍ରୀ ୮ : ୬ ) ଓ ଜୀବନ ଦାୟକ ପଥ ଅଟେ ( ଏବ୍ରୀ ୧୦ : ୨୦ ) ବିଶ୍ରାମ ବାର ପାଳନ କରିବାକୁ ଆଜ୍ଞା ଦେଇଥିବା ପୁରାତନ ନିୟମକୁ ପ୍ରଭୁ ଯୀଶୁଖ୍ରୀଷ୍ଟ କ୍ରୁଶରେ ହତ ହୋଇ ଲୋପ କରି ଅଛନ୍ତି । (ଏଫିସୀ ୨ : ୧୪-୧୬ ) । 'ପୁଣି ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର କରି ଦେଇ ଅଛନ୍ତି । ସମସ୍ତ ଆଧିପତ୍ୟ ଓ କର୍ତ୍ତାପଣରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ପ୍ରକାଶରେ ସେମାନଙ୍କ ପ୍ରଦର୍ଶନ ପୂର୍ବକ କ୍ରୁଶରେ ବିଜୟ ଯାତ୍ରା କରି ଅଛନ୍ତି । ଅତଏବ ଭୋଜନପାନ କିଅବା ପର୍ବ, ପ୍ରତିପଦ ଅବା ବିଶ୍ରାମ ବାର ସମ୍ବନ୍ଧରେ କେହି ତୁମ୍ଭମାନଙ୍କ ବିଚାର ନ କରୁ ସେଗୁଡ଼ିକ ଆଗାମୀ ବିଷୟର ଛାୟାମାତ୍ର, କିନ୍ତୁ ବାସ୍ତବ ବିଷୟ ଖ୍ରୀଷ୍ଟ । '( କଲସୀ ୨ : ୧୪-୧୭ ) ୧୬ ପଦରେ 'ବିଶ୍ରାମ ବାର ସମ୍ବନ୍ଧରେ କେହି ତୁମ୍ଭମାନଙ୍କ ବିଚାର ନ କରୁ ।' ବୋଲି କୁହାଯାଏ କାରଣ ତାହାକୁ ଖ୍ରୀଷ୍ଟ କ୍ରୁଶରେ ହତ ହୋଇ ଲୋପ କରି ଅଛନ୍ତି ।

ଦଶ ଆଜ୍ଞା ମୋଶାଙ୍କ ବ୍ୟବସ୍ଥା ଅନ୍ତର୍ଭୁକ୍ତ :—

ମୋଶାଙ୍କ ବ୍ୟବସ୍ଥା ଦତ୍ତ ହେବା ପୂର୍ବେ ଦଶ ଅଜ୍ଞା ଦତ୍ତ ହୋଇଥିଲା ବୋଲି ଅନେକ ମନେ କରନ୍ତି । କିନ୍ତୁ ମୋଶା ଈଶ୍ରାୟେଲ ଗୋଷ୍ଠୀଙ୍କୁ ଏପରି ଭାବେ କହନ୍ତି । "ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ବର ହୋରେବରେ ଆମ୍ଭମାନଙ୍କ ସହିତ ଗୋଟିଏ ନିୟମ କଲେ । ସଦାପ୍ରଭୁ ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ସହିତ ସେହି ନିୟମ କଲେ ନାହିଁ । ମାତ୍ର ଆଜି ଏହି ସ୍ଥାନରେ ଜୀବିତ ଅଛୁଁ ଯେ ଆମ୍ଭେମାନେ ଆମ୍ଭମାନଙ୍କ ସହିତ ତାହା କଲେ ।' ( ଦ୍ଵି : ୫ : ୨-୨୩ )

ଗ୍ରୀକ୍ ଭାଷାର ନୂତନ ନିୟମରେ 'ବିଶ୍ରାମ ବାର' ବା 'SABBATH' ୬୦ ଥର ଉଲ୍ଲେଖ କରାଯାଏ । କଲସୀ ୨ : ୧୬ ପଦର ଗ୍ରୀକ୍ ପଦ 'SABATHON'ର ଅର୍ଥ ବିଶ୍ରାମ ବାର ନୁହେ ବୋଲି ଅନେକ ତର୍କ କରନ୍ତି । କିନ୍ତୁ କଲସୀ ୨ : ୧୬ କି ଅବା ମାଥିଉ ୨୮ : ୧, ଲୂକ ୪ : ୧୬ ଉଲ୍ଲେଖିତ ଗ୍ରୀକ୍ ପଦ SABATHON' ଏକ ଓ ଅଭିନ୍ନ । ମାଥିଉ ୮ : ୧ ରେ ଲେଖାଯାଏ । ବିଶ୍ରାମ ବାର ଶେଷ ହେଲା ଉତ୍ତାରେ ସପ୍ତାହର ପ୍ରଥମ ଦିବସର ପ୍ରତ୍ୟୁଷରେ ମଗଦଲୀନୀ ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଆସିଲେ 'ଯୀଶୁଖ୍ରୀଷ୍ଟ ବିଶ୍ରାମ ବାରରେ ସମାଜ ଗୃହରେ ପ୍ରବେଶ କଲେ ବୋଲି ଲୂକ ୪ : ୧୬ ରେ କୁହାଯାଏ କାରଣ ସେ ମୋଶାଙ୍କ ବ୍ୟବସ୍ଥାଧିନସ୍ଥ ହୋଇ ଜୀବନ ଯାପନ କରି ମୃତ୍ୟୁ ଭୋଗୀ ତାହା ଲୋପ କରିଥିଲେ । ଯଦି ମାଥିଉ ୨୮ : ୧ ଓ ଲୂକ ୪ : ୧୬ ପଦରେ ବ୍ୟବହୃତ SABATON ର ଅର୍ଥ ବିଶ୍ରାମ ବାର ଅଟେ । କଲସୀ ୨ : ୧୬ ରେ 'SABATON'ର ଅର୍ଥ ମଧ୍ୟ ବିଶ୍ରାମ ବାର ଅଟେ । ଯାହା ଦ୍ଵାରା ଆମ୍ଭେମାନେ ବିସ୍ମିତ ହେବୁ ନାହିଁ ।

'ମୃତ୍ୟୁ ଦାୟକ ବ୍ୟବସ୍ଥା' ଯେଉଁଥିରେ ଦଶ ଆଜ୍ଞା ଅନ୍ତର୍ଭୁକ୍ତର ଅନ୍ତ ହୋଇଅଛି । ( ୨ କରନ୍ଥୀ ୩ : ୭-୧୧ ) ଏହି ପଦରେ 'ଅକ୍ଷରରେ ପ୍ରସ୍ତର ଉପରେ ଖୋଦିତ'ର ଅର୍ଥ ଦଶ ଆଜ୍ଞା ତାହାର ମଧ୍ୟ ଅନ୍ତ ହୋଇଥିଲା ।

ରୋମୀୟ ୮ : ୪ ରେ ଲେଖାଯାଏ, 'ଏଣୁ ହେ ମୋହର ଭାଇମାନେ ଖ୍ରୀଷ୍ଟଙ୍କ ଶରୀର ଦ୍ୱାରା ତୁମ୍ଭେମାନେ ମଧ୍ୟ ବ୍ୟବସ୍ଥା ପ୍ରତି ମୃତ ହୋଇଅଛ । ଯେପରି ତୁମ୍ଭେମାନେ ଅନ୍ୟ ସହିତ ସଂଯୁକ୍ତ ହୁଅ । ଅର୍ଥାତ୍ ଆମ୍ଭେମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବା ପାଇଁ ଯେ ମୃତ୍ୟୁରୁ ଉତ୍ଥାପିତ ହୋଇଅଛନ୍ତି । ତାହାଙ୍କ ସହିତ ସଂଯୁକ୍ତ ହୁଅ । ପୁନଃବାର ୭ମରେ ଲେଖାଯାଏ । 'ତେବେ ଆମ୍ଭେମାନେ କଅଣ କହିବା ? ବ୍ୟବସ୍ଥା କଅଣ ପାପ ? ତାହା କେବେ ହେଁ ନ ହେଉ । ବରଂ ପାପ କଅଣ ତାହା ବ୍ୟବସ୍ଥା ବିନା ମୁଁ ଜାଣି ନଥାନ୍ତି, କାରଣ ଲୋଭ କରନାହିଁ । ବ୍ୟବସ୍ଥା ଏହା କହି ନଥିଲେ । ଲୋଭ କଅଣ ମୁଁ ଜାଣି ନଥାନ୍ତି । 'ଲୋଭ କରନାହିଁ' ଏହା ଦଶ ଆଜ୍ଞାରୁ ଏକ ଆଜ୍ଞା ହୋଇ ଥିବାରୁ ଆମ୍ଭେମାନେ ଆଉ 'ମୋଶାଙ୍କ ବ୍ୟବସ୍ଥାଧିନ ନୋହୁଁ ବୋଲି ଏହା ପ୍ରମାଣିତ କରେ ।

'ବିଶ୍ରାମ ବାର' ପରମେଶ୍ୱରଙ୍କ ଦୃଷ୍ଟିରେ ଶୁଷିତ ହେବାରୁ ତାହା ରହିତ କରିବାକୁ ସେ ମନସ୍ଥ କଲେ । ( ଯିଶାଇୟ ୧ : ୧୩ ଓହୋଶେୟ ୨ : ୧୧ ) । ଲେବୀ ବଂଶ ଠାରୁ ଯାଜକତ୍ୱର ଭାର ପରିବର୍ତ୍ତନ କରି ଯୀଶୁଖ୍ରୀଷ୍ଟ ମହାଯାଜକ ରୂପେ ଅଭିଷିକ୍ତ ହେବାରୁ, ମୋଶାଙ୍କ ବ୍ୟବହାର ପରିବର୍ତ୍ତନ ମଧ୍ୟ ଆବଶ୍ୟକ ପଡ଼ିଲା । ( ଏବ୍ରୀ ୭ : ୧୨ ) । ବିଶ୍ରାମ ବାର ପରିବର୍ତ୍ତନ କରିବାକୁ ଯୀଶୁଖ୍ରୀଷ୍ଟଙ୍କର ଅଧିକାର ଅଛି, କାରଣ ସେ ବିଶ୍ରାମ ବାରର ପ୍ରଭୁ ଅଟନ୍ତି । ( ମାର୍କ ୨ : ୨୩-୨୮ ) । ସେ କ୍ରୁଶରେ ହତ ହୋଇ ତାହା ଲୋପ କରି ଅଛନ୍ତି, ତେଣୁ କରି ଆମ୍ଭେମାନେ ଆଉ ମୋଶାଙ୍କ ବ୍ୟବସ୍ଥାଧିନ ନୋହୁଁ । କିନ୍ତୁ ଖ୍ରୀଷ୍ଟଙ୍କ ଅନୁଗ୍ରହର ବ୍ୟବସ୍ଥାଧିନ ଅଟୁଁ ।

ଶାସନ ସମ୍ବନ୍ଧୀୟ ବ୍ୟବସ୍ଥା ( ପ୍ରେରିତ ୨୩ : ୩ ), ବିଧି କ୍ରିୟା କର୍ମର ବ୍ୟବସ୍ଥା, ଲୂକ ୨ : ୨୭ ), ନୈତିକ ନିୟମାବଳୀର ବ୍ୟବସ୍ଥା ସଂପୂର୍ଣ୍ଣ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଅଟେ । ଯୀଶୁଖ୍ରୀଷ୍ଟ କିମ୍ବା ତାହାଙ୍କ ଶିଷ୍ୟମାନେ ଖ୍ରୀଷ୍ଟିୟାନମାନଙ୍କୁ ବିଶ୍ରାମ ବାର ପାଳନ କରିବାକୁ ଆଜ୍ଞା ଦେଇ ନଥିଲେ । ଅପର ପକ୍ଷରେ ଦଶ ଆଜ୍ଞାରୁ ନଅଟି ଆଜ୍ଞା ନୂତନ ନିୟମର ଆଜ୍ଞାବଳୀରେ ଯୋଗ କରାଯାଏ । ପ୍ରେରିତ

୧୪ : ୧୫ ) ୧ମ ଯୋହନ ୫ : ୨୧, ଯାକୁବ ୫ : ୧୨, ଏଫିସୀ ୬ : ୧, ୧ମ ଥିମଥି ୫ : ୮-୮, ରୋମୀୟ ୧୩ : ୯ ) । ଦଶ ଆଜ୍ଞାରୁ ନଅଟି ଆଜ୍ଞା ନୂତନ ନିୟମରେ ଯୋଗ କରାଯାଇ ଥିବାରୁ ଖ୍ରୀଷ୍ଟିୟାନ ମାନେ ସେଗୁଡ଼ିକ ପାଳନ କରନ୍ତି କିନ୍ତୁ ସେମାନେ ମୋଶାଙ୍କ ବ୍ୟବସ୍ଥା-ଧିନସ୍ଥ ବୋଲି ତାହାର ଅର୍ଥ ନୁହେଁ ।

**ବ୍ୟବସ୍ଥା ସଫଳ ହେଲା :—**

ପାପୀ ମନୁଷ୍ୟକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରିବାର ବ୍ୟବସ୍ଥା ଉଦ୍ଦେଶ୍ୟ ସଫଳ ହୋଇଥିବାରୁ ଆମ୍ଭେମାନେ ଆଉ ସେହି ବ୍ୟବସ୍ଥାଧିନ ନୋହୁଁ । ( ଗାଲାତ୍ତ୍ରୀ ୩ : ୧୬-୨୨ ) ।

ବିଶ୍ରାମ ବାର ପାଳନ କରିବାକୁ ଈଶ୍ରାୟେଲମାନେ ଆଜ୍ଞାପିତ ହୋଇଥିଲେ :— ବିଶ୍ରାମ ବାର ଖ୍ରୀଷ୍ଟିୟାନ ମାନଙ୍କୁ କିଅବା ମୋଶାଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଦତ୍ତ ନ ହୋଇ କେବଳ ଈଶ୍ରାୟେଲମାନଙ୍କୁ ଦତ୍ତ ହୋଇଥିଲା । ( ଦ୍ୱି : ବି ୫ : ୨-୪ ) ମିଶରର ବନ୍ଦୀତ୍ୱରୁ ପରମେଶ୍ୱରଙ୍କ ଉଦ୍ଧାରର ସ୍ମରଣାର୍ଥେ ଏହି ନିୟମ ଯିହୁଦୀମାନଙ୍କୁ ପାଳନାର୍ଥେ ଦତ୍ତ ହୋଇଥିଲା ।

**ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଉପାସନା କଲେ :—**

ପ୍ରେରିତ ୨୦ : ୭ରେ ଲେଖାଯାଏ, ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହୋଇ ଥିବାରୁ, ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ । 'ରୋଟୀ ଭାଙ୍ଗିବାକୁ' ଏହି ପଦର ଅର୍ଥ ଉପାସନା କରିବା । କରନ୍ଥୀ ୧୦ : ୧୬ରେ କୁହାଯାଏ 'ଯେଉଁ ଆଶୀର୍ବାଦର ପାତ୍ରକୁ ଆମ୍ଭେମାନେ ଆଶୀର୍ବାଦ କରୁ । ତାହା କି ଖ୍ରୀଷ୍ଟଙ୍କ ରକ୍ତର ସହଭାଗିତା ନୁହେଁ ? ଯେଉଁ ରୋଟୀ ଆମ୍ଭେମାନେ ଭାଙ୍ଗୁ, ତାହା କି ଖ୍ରୀଷ୍ଟଙ୍କ ଶରୀରର ସହଭାଗିତା ନୁହେଁ ?

ମାଥିଉ ୨୮ : ୧ ଏବଂ ମାର୍କ ୧୬ : ୧, ୯ରେ ବିଶ୍ରାମବାର ଓ
ସପ୍ତାହର ପ୍ରଥମ ଦିବସ ଦୁଇଟିର ପାର୍ଥକ୍ୟ ବୁଝିବାରୁ । ବାକ୍ୟ କହେ,
'ବିଶ୍ରାମ ବାର ଶେଷହେଲା ଉତ୍ତାରେ **ସପ୍ତାହର ପ୍ରଥମ ଦିବସରେ**
ମଗ୍ଦଲୀନି ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଆସିଲେ
ଦିନଃବଳୀର ପ୍ରେରିତ ୨୦ : ୭ରେ **ସପ୍ତାହର ପ୍ରଥମ ଦିବସରେ**
ଖ୍ରୀଷ୍ଟିୟାନମାନେ ରୋଟୀ ଭାଙ୍ଗିବା ନିମନ୍ତେ ଅର୍ଥାତ୍ ଉପାସନା ନିମନ୍ତେ
ଏକତ୍ରିତ ହୋଇଥିଲେ ବୋଲି ଉଲ୍ଲିଖିତ କରାଯାଏ । ଏହି ଦୁଇ
ବାକ୍ୟରୁ ବିଶ୍ରାମ ଦିନ ଗତ ହେବା ପରେ ସପ୍ତାହର ପ୍ରଥମ ଦିବସ
ଅର୍ଥାତ୍ ଉପାସନାର ଦିବସ ବୋଲି ଆମ୍ଭେମାନେ ଜ୍ଞାତ ହେଉଁ ।
ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିବସରେ 'ଦାନ' ସଂଗ୍ରହ
କରୁଥିଲେ । (୧ମ କରନ୍ଥୀ ୧୬ : ୧, ୨) ଯୀଶୁ ଖ୍ରୀଷ୍ଟ ମୃତ୍ୟୁରୁ ଜୀବିତ
ହୋଇ ରବିବାର ଦିନରେ ଉତ୍ଥିତ ହୋଇଥିଲେ । ପ୍ରେରିତ ଦ୍ୱିତୀୟ
ଅଧ୍ୟାୟ 'ଅନୁଯାୟୀ ମଣ୍ଡଳୀ 'ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇଥିଲା ।
ସପ୍ତାହର ପ୍ରଥମ ଦିନ ପ୍ରଭୁଙ୍କ ଦିନ (ପ୍ରକା ୧୬ : ୧୦) କିନ୍ତୁ
ବିଶ୍ରାମ ଦିନ ନୁହେଁ ।

ଖ୍ରୀଷ୍ଟ ଜନ୍ମ ୩୬୪ ମସିହା ପୂର୍ବରୁ କେତୋଟି ଐତିହାସିକ
ଲେଖନ୍ତ ମଧ୍ୟ ରୋମାନକାଥଲିକ୍ ମାନେ ଉପାସନାର ଦିବସ ବିଶ୍ରାମ
ବାରରୁ ସପ୍ତାହର ପ୍ରଥମ ଦିବସରେ ପରିବର୍ତ୍ତନ କରିଥିବାରୁ ତାହାକୁ
ମିଥ୍ୟା ପ୍ରମାଣିତ କରେ, ଯୀଶୁଖ୍ରୀଷ୍ଟ କ୍ରୁଶରେ ହତ ହୋଇ ବିଶ୍ରାମ
ବାରର ପ୍ରଥା ଅନ୍ତ କରିଅଛନ୍ତି । ବିଶ୍ରାମ ବାରର ପାଳନ କରି
ଆସୁଥିବା ପ୍ରେରିତ ତଥା ଖ୍ରୀଷ୍ଟିୟାନମାନେ ଉପାସନାର ଦିବସକୁ
ବିଶ୍ରାମ ବାରରୁ ସପ୍ତାହର ପ୍ରଥମ ଦିନକୁ ପରିବର୍ତ୍ତନ କରିଥିବାରୁ
ଏହି ପରିବର୍ତ୍ତନ ସ୍ୱର୍ଗସ୍ଥ ପରମେଶ୍ୱରଙ୍କଠାରୁ ଦତ୍ତ ହୋଇଅଛି ବୋଲି
ପ୍ରମାଣିତ କରେ । ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁରେ ପରମେଶ୍ୱର ବିଶ୍ରାମ ବାରକୁ
ଅନ୍ତ କରିଅଛନ୍ତି । ଖ୍ରୀଷ୍ଟ ଧର୍ମର ଆରମ୍ଭରୁ ରବିବାର ଖ୍ରୀଷ୍ଟିୟ
ସମାଜରେ ଏକ ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି ।

—BILL FLATT

—o—

# ପରମେଶ୍ୱରଙ୍କ ସହିତ ଗମନ କରିବା
## ( Going with God )

"ସେମାନେ ଯେପରି ଦିବସରେ ଓ ରାତ୍ରିରେ ଯାତ୍ରା କରି ପାରିବେ, ଏଥିପାଇଁ ସଦାପ୍ରଭୁ ଦିବସରେ ପଥ କଢ଼ାଇବା ନିମନ୍ତେ ମେଘସ୍ତମ୍ଭ ଓ ରାତ୍ରିରେ ଦୀପ୍ତି ଦେବା ନିମନ୍ତେ ଅଗ୍ନିସ୍ତମ୍ଭରେ ଥାଇ ସେମାନଙ୍କ ଆଗେ ୨ ବିଜେ କଲେ ।" (ଯାତ୍ରା) ୧୩:୨୧) ପରମେଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ଇଶ୍ରାୟେଲ ଗୋଷ୍ଠୀ କିଣାନ ଦେଶର ଦୁର୍ଭିକ୍ଷରୁ ରକ୍ଷା ନିମନ୍ତେ ମିସର ଦେଶକୁ ଯାଇଥିଲେ । ସେଠାରେ ଚାରିଶହ ବର୍ଷ ନିବାସ କରି, ବହୁ ଗୋଷ୍ଠୀ ହୋଇ ସଦାପ୍ରଭୁଙ୍କ ନିର୍ଦ୍ଦେଶନାରେ ମୋଶାଙ୍କ ନେତୃତ୍ୱରେ ଆପଣା ଦେଶକୁ ବାହାରି ଯିବା ନିମନ୍ତେ ଉଦ୍ୟତ ହେଲେ ।

ସେମାନଙ୍କ ପଥ ସହଜ ନଥିଲା । ଅନେକ ପର୍ବତ ଓ ମରୁଭୂମିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ପ୍ରାନ୍ତରରେ ପଥହରା ହେବା ଅତି ସହଜ ବିଷୟ ଥିବା ସତ୍ତ୍ୱେ ସେମାନେ ପଥହରା ହୋଇ ନଥିଲେ, କାରଣ ସେମାନେ ସଦାପ୍ରଭୁଙ୍କ ଅନୁଗତ ହୋଇ ଥିଲେ । ଦିବସରେ ମେଘସ୍ତମ୍ଭ ଓ ରାତିରେ ଅଗ୍ନିସ୍ତମ୍ଭ ସେମାନଙ୍କ ପଥ ପ୍ରଦର୍ଶକ ଥିଲା । ସେମାନଙ୍କ ସୃଷ୍ଟିକର୍ତ୍ତା ସ୍ୱୟଂ ସୈନ୍ୟାଧିପତି ସଦାପ୍ରଭୁ ସେମାନଙ୍କ ଆଗେ ୨ ବିଜେ କଲେ ।

ଆଜିର ଆକାଶରେ ମଧ୍ୟ ଆମ୍ଭେମାନେ ମେଘ ଦେଖିପାରୁ । କିନ୍ତୁ ତାହା ଆମ୍ଭର ପଥ ପ୍ରଦର୍ଶକ ନୁହେଁ । କିନ୍ତୁ ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ଏହି ଜଗତରେ ଆମ୍ଭମାନଙ୍କ ପଥପ୍ରଦର୍ଶକ । ଇଶ୍ରାୟେଲ ସନ୍ତାନମାନଙ୍କ ନିମନ୍ତେ କୌଣସି ନିୟମ ଲିଖିତ ରୂପରେ ନଥିଲା । କିନ୍ତୁ ପରମେଶ୍ୱର ଆପଣା ଦାସ ମୋଶାଙ୍କ ଦ୍ୱାରା ସେମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ ।

ଯଦି ଇଶ୍ରାୟେଲ ସନ୍ତାନମାନେ ପ୍ରାନ୍ତରରେ ସଦାପ୍ରଭୁଙ୍କ ମେଘସ୍ତମ୍ଭ ଓ ଅଗ୍ନିସ୍ତମ୍ଭର ଅନୁଗମନ କରିନଥାନ୍ତେ । ସେମାନଙ୍କ ଗତି

କଅଣ ହୁଅନ୍ତା ? ସେମାନଙ୍କ ମୂର୍ଖାମୀ ଫଳରେ ପ୍ରାନ୍ତରରେ ପଥହରା ହୁଅନ୍ତେ । ଠିକ୍ ସେହିପରି ଆମ୍ଭମାନଙ୍କ ନିମନ୍ତେ ଦତ୍ତ, 'ମେଘସ୍ତମ୍ଭ' ଓ 'ଅଗ୍ନିସ୍ତମ୍ଭ' ସଦୃଶ୍ୟ ଈଶ୍ୱରଙ୍କ ବାକ୍ୟର ଅନୁସରଣ ନକଲେ, ଏହି ଜଗତରେ ପଥହରା ହେବା । ଈଶ୍ୱରଙ୍କ ବାକ୍ୟ ଅନୁସରଣ ନ କରି ପଥହରା ହେବା କେତେ ଦୁର୍ଭାଗ୍ୟର ବିଷୟ ! ତେଣୁ କରି ଆସ, ଆମ୍ଭମାନେ ଆମ୍ଭମାନଙ୍କ ମଙ୍ଗଳଦାୟକ ପ୍ରଦର୍ଶକ 'ମେଘସ୍ତମ୍ଭ' ଓ 'ଅଗ୍ନିସ୍ତମ୍ଭ' ସଦୃଶ୍ୟ ଈଶ୍ୱରଙ୍କ ବାକ୍ୟ ଅନୁସରଣ କରି ଅନନ୍ତ ଜୀବନରେ ପ୍ରବେଶ କରୁ !

—MARY ANN DAVIS

... || ...

## ସେମାନେ କେବଳ ଯୀଶୁଙ୍କୁ ଦେଖିଲେ

## ( They Saw only Jesus )

ଆମ୍ଭମାନେ ଏକ୍ ଜଟିଳ ଜଗତରେ ବାସ କରୁଅଛୁ । ଆମ୍ଭମାନଙ୍କ ଓ ଆମ୍ଭମାନଙ୍କ ପରିବାର ଆବଶ୍ୟକୀୟତା ପୂରଣ କରିବାରେ କେବଳ ଆମ୍ଭମାନଙ୍କ ସମୟ କଟିଯାଉଅଛି । ଶାରୀରିକ ଆବଶ୍ୟକୀୟତା ଉପରେ ଅଧିକ ପ୍ରାଧାନ୍ୟତା ଦେବା ଫଳରେ ଆତ୍ମିକ ଜୀବନ ଅବହେଳିତ ହେଉଅଛି । ଆଧ୍ୟାତ୍ମିକ ବିଷୟରେ ମଧ୍ୟ ଅନେକ ଆପଣା ୨ ସ୍ୱମତ କିଅବା ମନୁଷ୍ୟ ମାନଙ୍କ ରୀତିନୀତି ଅବଲମ୍ବନ କରିବାରେ ଇଚ୍ଛୁକ ହୋଇଥାନ୍ତି । ତେଣୁ ଅନେକ ମତଶାଖା, ଅନେକ ରୀତି ନିୟମର ଯାହାକି ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇନାହିଁ ତାହା ସୃଷ୍ଟି ହୋଇଅଛି । ଈଶ୍ୱରଙ୍କ ବାକ୍ୟର ସଠିକ୍ ଜ୍ଞାନର ଅଭାବରେ ଅନେକେ ପଥଭ୍ରଷ୍ଟ ହୋଇ ଅଛନ୍ତି ।

ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ତିନୋଟି ଶିଷ୍ୟ, ଯେଉଁମାନେ କି ପୂର୍ବେ ମତ୍ସ୍ୟଜୀବୀ ଥିଲେ । ସେମାନେ ଏକ ପର୍ବତ ଉପରେ

ଏକ ଅଦ୍ଭୁତ ଘଟଣା ଦେଖିଥିଲେ । ସେହି ଅଦ୍ଭୁତ ଘଟଣା ଆମ୍ଭମାନଙ୍କୁ ଅନେକ ଶିକ୍ଷା ଦେଇଥାଏ ।

**ସେମାନଙ୍କ ଭୁଲ ବୁଝାମଣା :-**

"ଛଅ ଦିନ ପରେ ଯୀଶୁ ପିତର, ଯାକୁବ ଓ ତାଙ୍କ ଭାଇ ଯୋହନଙ୍କୁ ସାଙ୍ଗରେ ନେଇ ଅନ୍ତର ହୋଇ ସେମାନଙ୍କୁ ଗୋଟିଏ ଉଚ୍ଚ ପର୍ବତକୁ ନେଇଗଲେ । ଆଉ ସେମାନଙ୍କ ସାକ୍ଷାତରେ ରୂପାନ୍ତରିତ ହେଲେ । ତାହାଙ୍କର ମୁଖ ସୂର୍ଯ୍ୟ ପରି ଉଜ୍ଜ୍ୱଳ ଓ ତାହାଙ୍କ ବସ୍ତ୍ର ଆଲୋକ ପରି ଶୁଭ୍ରବର୍ଣ୍ଣ ହେଲା । ପୁଣି, ଦେଖ, ମୋଶା ଓ ଏଲିୟ ତାହାଙ୍କ ସହିତ କଥାବାର୍ତ୍ତା କରୁଥିବା ସେମାନଙ୍କୁ ଦେଖାଗଲା । ସେଥିରେ ପିତର ଯୀଶୁଙ୍କୁ ଉତ୍ତର ଦେଲେ । ହେ ପ୍ରଭୁ ଆମ୍ଭମାନେ ଯେ ଏ ସ୍ଥାନରେ ଅଛୁ । ଏହା ଉତ୍ତମ ଆପଣଙ୍କର ଇଚ୍ଛା ହେଲେ ମୁଁ ଏଠାରେ ତିନୋଟି କୁଟୀର ନିର୍ମାଣ କରିବି । ଆପଣଙ୍କ ପାଇଁ ଗୋଟିଏ ମୋଶାଙ୍କ ଗୋଟିଏ ଓ ଏଲିୟଙ୍କ ପାଇଁ ଗୋଟିଏ ।"(ମାଥିଉ ୧୭:୧-୪)

ପିତର, ଯାକୁବ ଓ ଯୋହନ ଜନ୍ମରୁ ଯିହୁଦୀ ଓ ମୋଶାଙ୍କ ବ୍ୟବସ୍ଥା ଅଧିନରେ ପ୍ରତିପାଳିତ ହୋଇଥିଲେ । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାଦଶ ଶିଷ୍ୟବୃନ୍ଦର ଅନ୍ତର୍ଭୁକ୍ତ ଏହି ତିନିଜଣ ଯିହୁଦୀୟ ଆଚରଣରୁ ସେତେବେଳେ ଯାଏଁ ଆପଣାକୁ ପୃଥକ୍ କରିନଥିଲେ । ଏହି ଘଟଣାର ପ୍ରାୟ ଦୁଇ ବର୍ଷ ପୂର୍ବେ ଏମାନେ ଖ୍ରୀଷ୍ଟଙ୍କ ସହିତ ରହି ତାହାଙ୍କ ଉପଦେଶ ଓ ଦୃଷ୍ଟାନ୍ତ ସବୁ ଶୁଣିଥିଲେ । ଅନ୍ଧ, କୁଷ୍ଠ, ଭୂତଗ୍ରସ୍ତ ଅନେକ ରୋଗୀ ସୁସ୍ଥ ହେବା ସ୍ୱଚକ୍ଷୁରେ ଦେଖିଥିଲେ । ଯୀଶୁଖ୍ରୀଷ୍ଟ ବହୁ ଜନସମୂହକୁ ଖାଦ୍ୟ ଯୋଗାଇବା ବେଳେ ସେମାନେ ଖାଦ୍ୟ ପରିବେଷଣ କରିଥିଲେ । ଯୀଶୁଖ୍ରୀଷ୍ଟ ଜଳରେ ଚାଲିବା ବେଳେ ସେମାନେ ତାହାଙ୍କ ନିକଟରେ ଥିଲେ । ତାହାଙ୍କ ଆଜ୍ଞାରେ ସମୁଦ୍ର ଓ ପ୍ରବଳ ତରଙ୍ଗ ସ୍ଥିର ହୋଇଥିଲା । ମାଥିଉ ୧୬:୧୮ ରେ ପିତର ନିଜେ ଯୀଶୁ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ପଢ଼ିପାରିଥାଉ । ଏକ ଉଚ୍ଚ ପର୍ବତରେ ପିତର, ଯାକୁବ ଓ ଯୋହନଙ୍କ ସମ୍ମୁଖରେ ଯୀଶୁଖ୍ରୀଷ୍ଟ ମୁଖ ସୂର୍ଯ୍ୟ ପରି ଉଜ୍ଜ୍ୱଳ ଓ ବସ୍ତ୍ର ଆଲୋକପରି ଶୁଭ୍ରବର୍ଣ୍ଣ ହୋଇ ସେ ରୂପାନ୍ତରିତ ହେଲେ । ଏତେ ସନ୍ନିହିତ ଭାବେ ଯୀଶୁଖ୍ରୀଷ୍ଟଙ୍କୁ ଜାଣିଥିବା

ତାହାଙ୍କ ଏହି ଶିଷ୍ୟମାନେ ରୂପାନ୍ତରିତ ଏହି ଘଟଣା ଦ୍ୱାରା ଅତିଶୟ ଭୀତ ହୋଇଥିଲେ । ମୋଶା ଓ ଏଲିୟଙ୍କ ଉପସ୍ଥିତି ସେମାନଙ୍କୁ ଆହୁରି ଆନ୍ଦୋଳନ ଦାୟକ ଥିଲା । ଯୀଶୁଖ୍ରୀଷ୍ଟ ଜନ୍ମର ପ୍ରାୟ ୯୦୦ ବର୍ଷ ପୂର୍ବେ ଏଲିୟ ଏହି ଜଗତରେ ବାସ କରୁଥିଲେ । ଏଲିୟଙ୍କ ସମୟର ପ୍ରାୟ ୭୦୦ ବର୍ଷ ପୂର୍ବେ ମୋଶାଙ୍କ ଜନ୍ମ ହୋଇଥିଲା । ଶିଷ୍ୟମାନଙ୍କ ଦୃଷ୍ଟିରେ ଏମାନେ ମହାତ୍ମା ଓ ଗୌରବମୟ ବ୍ୟକ୍ତି ଥିଲେ । ମିଶର ଦାସତ୍ୱ ବନ୍ଧନରୁ କାଢ଼ି ଆଣିଥିବା ନେତା ମୋଶାଙ୍କ ଦ୍ୱାରା ସଦାପ୍ରଭୁ ଇଶ୍ରାଏଲମାନଙ୍କୁ ପ୍ରସ୍ତର ଖୋଦିତ ବ୍ୟବସ୍ଥା ଦାନ କରିଥିଲେ । (ଯାତ୍ରା ୩:୧-୧୦) (୩୪:୨୭-୨୮, ଦ୍ୱି.ବି. ୧୦:୧-୪) ଈଶ୍ୱରଙ୍କ ବାକ୍ୟର ଆଲୋକରେ ନିର୍ଭରରେ ଦେଶରେ ବିଚରଣ କରି ଇଶ୍ରାଏଲୀୟ ମାନଙ୍କୁ ସତର୍କ କରିଥିବା ଭବିଷ୍ୟତବକ୍ତା ଏଲିୟ ଯିହୁଦୀମାନଙ୍କ ଏକ ଆଦରଣୀୟ ଓ ଗୌରବମୟ ବ୍ୟକ୍ତି ଥିଲେ ।

ମୋଶା, ଏଲିୟ ଓ ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ ତିନୋଟି କୁଟୀର ନିର୍ମାଣ କରିବାକୁ ଆଗେଇ ଆସିଥିବା ପିତର, ଯୀଶୁଖ୍ରୀଷ୍ଟଙ୍କ ସମ୍ପୂର୍ଣ୍ଣ ଈଶ୍ୱରତ୍ୱର ପରିଚୟ ପାଇ ନଥିଲେ । ସେମାନେ ତାହାଙ୍କ କ୍ରୁଶୀୟ ମୃତ୍ୟୁ କିଅବା ତାହାଙ୍କ ଅନନ୍ତ ସଂକଳ୍ପ ବିଷୟରେ ସେମାନେ ଅଜ୍ଞ ଥିଲେ ।

ଆଜି ମଧ୍ୟ ଆମ୍ଭେମାନେ ପିତରଙ୍କ ସଦୃଶ୍ୟ ତାହାଙ୍କ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ବିଷୟରେ ଭୁଲ୍ ବୁଝି ଥାଉ । ତାହାଙ୍କ ଈଶ୍ୱରତ୍ୱ ବିଷୟରେ ଆମ୍ଭେମାନେ ଯୋହନ ୧:୧୪, ଯୋହନ ୬:୩୫, ୧ମ ତୀମଥି ୨:୫, ୨ୟ ଯୋହନ ୯ ପଦ ଓ ଏହିପରି ଅନେକ ପଦରେ ପଢ଼ିପାରୁ । ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଭବିଷ୍ୟତ ବକ୍ତା ମୋଶା ଓ ଏଲିୟଙ୍କ ସହିତ ସମାନ ରୂପେ ପରିଗଣିତ କରିବା ପିତରଙ୍କ ଦୃଷ୍ଟିରେ ସନ୍ତୋଷଜନକ ବିଷୟ ଥିଲା । କିନ୍ତୁ ଯୀଶୁ ଖ୍ରୀଷ୍ଟ ସେମାନଙ୍କ ଠାରୁ ଅଧିକ ସମ୍ମାନ ସମ୍ଭ୍ରମ ଓ ମହିମାର ପରମେଶ୍ୱର ଅଟନ୍ତି । ସେ ନିର୍ଦ୍ଦୋଷ, ପାପରହିତ ପରମେଶ୍ୱରଙ୍କ ମେଷଶାବକ ହୋଇ ଆମ୍ଭମାନଙ୍କର ପାପ ବହିନେଲେ । ଆମ୍ଭମାନଙ୍କ ପରିତ୍ରାଣ ଦେଇ ଅଛନ୍ତି ।

## ଶିଷ୍ୟମାନେ ମୁହଁ ମାଡ଼ି ପଡ଼ିଗଲେ :—

"ସେ ଏହି କଥା କହୁ ୨, ଦେଖ, ଖଣ୍ଡେ ମେଘ ସେମାନଙ୍କୁ ଆଚ୍ଛାଦନ କଲା, ଆଉ ଦେଖ, ସେହି ମେଘରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର । ଏହା ଶୁଣି ଶିଷ୍ୟମାନେ ମୁହଁ ମାଡ଼ି ପଡ଼ିଗଲେ ଅତିଶୟ ଭୀତ ହେଲେ ।" (ମାଥିଉ ୧୭:୫-୬) ।

ସୈନ୍ୟାଧିପତି ସଦାପ୍ରଭୁ, ରୂପାନ୍ତରିତ ଘଟଣା ଦ୍ୱାରା, ମେଘ ଓ ସ୍ୱର୍ଗ ଦ୍ୱାରା ସମସ୍ତ ଅଧିକାର ଓ ରାଜତ୍ୱ ଯୀଶୁଖ୍ରୀଷ୍ଟଙ୍କୁ ଦତ୍ତ ହୋଇ ଅଛି ବୋଲି ପ୍ରକଟ କଲେ । ମୋଶାଓ ଏଲୀୟ ଭବିଷ୍ୟତ ବକ୍ତା ମାନଙ୍କ ଠାରୁ ଯୀଶୁଖ୍ରୀଷ୍ଟ ଓ ସେମାନଙ୍କ ଭବିଷ୍ୟତବାଣୀ ଠାରୁ ଯୀଶୁଖ୍ରୀଷ୍ଟ ବାକ୍ୟ ଅଧିକ ମହତ୍ତର ବୋଲି ଆମ୍ଭେମାନେ ଯୋହନ ୬:୬୩, ୧୨:୪୮, ୧ମ ପିତର ୧:୨୩-୨୫ ପଦଗୁଡ଼ିକରେ ପଢ଼ି ପାରୁ । ଅଦ୍ଭୁତ ଘଟଣା ଦ୍ୱାରା ଅତିଶୟ ଭୀତ ହୋଇଥିବା ଶିଷ୍ୟମାନେ ମୁହଁ ମାଡ଼ି ପଡ଼ିଗଲେ ଏବଂ ପରମେଶ୍ୱରଙ୍କ ଶକ୍ତିରେ ଆପଣା ୨ କୁ ନତ କଲେ ।

ଆମ୍ଭମାନଙ୍କ ହୃଦୟ କି ସ୍ୱଜ୍ଞାନ, ସ୍ୱଶକ୍ତି ଯୋଗୁଁ ବୃଥା ଗର୍ବରେ ପରିପୂର୍ଣ୍ଣ ? ଈଶ୍ୱରଙ୍କ ବାକ୍ୟ ଅନୁସନ୍ଧାନ କଲେ ଯୀଶୁଙ୍କ ମହାନତା ନିକଟରେ ଆପଣା ୨ କୁ ନତ କରି ପାରିବା । ତାହାଙ୍କ ସମ୍ପୂର୍ଣ୍ଣତା ଆମ୍ଭମାନଙ୍କୁ ତାହାଙ୍କ ଶିଷ୍ୟ ହେବାରେ ସାହାଯ୍ୟ କରେ ।

## ଯୀଶୁ ସେମାନଙ୍କୁ ସ୍ପର୍ଶ କଲେ :—

"ସେଥିରେ ଯୀଶୁ ଆସି ସେମାନଙ୍କୁ ସ୍ପର୍ଶ କରି କହିଲେ, ଉଠ, ଭୟ କର ନାହିଁ ।" (ମାଥିଉ ୧୭:୭) ।

ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ମନୋନୀତ କରାଯାଇଥିଲେ । ଯୀଶୁଖ୍ରୀଷ୍ଟଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଓ ଆଶ୍ଚର୍ଯ୍ୟମୟ

ଶିକ୍ଷା ସେମାନଙ୍କ ଜୀବନକୁ ସ୍ପର୍ଶ କରିଥିଲା । ଏବେ ଏହି ପର୍ବତଉପରେ ଅଦ୍ଭୁତ ଘଟଣା ଯୋଗୁଁ ଯେତେବେଳେ ସେମାନେ ଅତ୍ୟନ୍ତ ଭୀତ ହୋଇ ମୁହଁ ମାଡ଼ି ପଡ଼ିଯାଇଥିଲେ । ଯୀଶୁଖ୍ରୀଷ୍ଟ ସାନ୍ତ୍ୱନାଦାୟକ ପ୍ରେମର ସ୍ପର୍ଶ ସେମାନଙ୍କୁ ପୁନଃର୍ବାର ଉଠି ଛିଡ଼ା ହେବାରେ ସାହାଯ୍ୟ କରିଥିଲା । ଆଜିର ଦୁନିଆଁରେ ଅନେକ ଯୀଶୁଖ୍ରୀଷ୍ଟଙ୍କ ସେହି ସ୍ପର୍ଶ ପାଇ ନାହାନ୍ତି । ତାହାଙ୍କ ବାକ୍ୟଧ୍ୟାନ କରି ତାହାଙ୍କ ଆଜ୍ଞାପାଳନ କରିବା ଦ୍ୱାରା ହିଁ ଆମ୍ଭେମାନେ ତାହାଙ୍କ ସ୍ପର୍ଶର ଅନୁଭୂତି ପାଇ ପାରିବା । ନୂତନ ନିୟମରେ ଲିଖିତ ତାହାଙ୍କ ବାକ୍ୟ ନିକଟକୁ ଆମ୍ଭେମାନେ ଗଲେ ତାହାଙ୍କ ସାନ୍ତ୍ୱନାଦାୟକ ବାକ୍ୟର ଆଶିଷ ଆମ୍ଭେମାନେ ପ୍ରାପ୍ତ ହୋଇ ପାରିବା ।

## ଯୀଶୁଙ୍କ ବିନା ଆଉ କାହାରିକି ଦେଖିଲେ ନାହିଁ :—

" ପୁଣି, ସେମାନେ ଉପରକୁ ଚାହିଁ କେବଳ ଯୀଶୁଙ୍କ ବିନା ଆଉ କାହାରିକି ଦେଖିଲେ ନାହିଁ ।" (ମାଥିଉ ୧୭:୮) ।

ଯୀଶୁଖ୍ରୀଷ୍ଟଙ୍କ ସାନ୍ତ୍ୱନାଦାୟକ ସ୍ପର୍ଶ ସେହି ତିନିଜଣ ଶିଷ୍ୟମାନଙ୍କୁ ମାଟିରୁ ଉଠି ଛିଡ଼ା ହେବାରେ ସାହାସ ଦେଇଥିଲା । ମୋଶା ଓ ଏଲିୟ ଆଉ ସେଠାରେ ନଥିଲେ । ସେମାନେ କେବଳ ଯୀଶୁଙ୍କୁ ଦେଖିପାରିଥିଲେ । କେବଳ ଯୀଶୁଙ୍କୁ ହିଁ ଅନୁସରଣ କରିବାର ଆବଶ୍ୟକତା ଶିଷ୍ୟମାନେ ଆପଣା ଜୀବନରେ ଶିକ୍ଷା କରିପାରିଥିଲେ । (ଯୋହନ ୧୪:୬, ଏଫିସୀ ୪:୪-୬) । ଯୀଶୁଖ୍ରୀଷ୍ଟଙ୍କ ଆଲୋକ ତେଜ ସ୍ୱରେ ମୋଶା ଓ ଏଲିୟଙ୍କ ଆଦର୍ଶ ଫିକା ପଡ଼ିଯାଇଅଛି । (୨ୟ ପିତର ୧:୧୬-୧୨) । ଆମ୍ଭେମାନେ ପୁରାତନ ନିୟମ ପାଳନ ବନ୍ଧ ନୋହୁଁ । (କଲସୀ ୨:୧୪, ରୋମୀୟ ୭:୧୪, ଯାକୁବ ୧:୨୫, ଗାଲା ୩:୨୪-୨୫) ଆମ୍ଭମାନଙ୍କ ଆତ୍ମିକ ଅଭିବୃଦ୍ଧି ପୁରାତନ ନିୟମ ପାଳନରେ କିଅବା ଜାଗତିକ ଧନ ସମ୍ପଦ ଲାଭରେ କିଅବା ଅନ୍ୟ କୌଣସି ମନୁଷ୍ୟ ଅନୁସରଣ କରିବାରେ ନାହିଁ । କିନ୍ତୁ କେବଳ ଯୀଶୁଖ୍ରୀଷ୍ଟଙ୍କ ଠାରେ ଅଛି । ଆତ୍ମିକ ସିଦ୍ଧତା ଲାଭ କରିବାରେ ଅନେକ ମାର୍ଗ ଅଛି ବୋଲି ମନେ କରିବା ଭ୍ରମ ଧାରଣା । ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ

ବିଶ୍ୱାଷ ତ କରିଥିବା ଯୀଖ୍ରୀଷ୍ଟଙ୍କ ଛଡ଼ା ପିତାଙ୍କ ନିକଟକୁ ଯିବା ପାଇଁ ଆଉ ଅନ୍ୟ କୌଣସି ପଥ ନାହିଁ । ତେଣୁ କରି ଆସ ଆମ୍ଭେମାନେ ପାପ ମୟ ଜୀବନରୁ ଆଖି ଖୋଲି କେବଳ ଯୀଶୁଙ୍କୁ ଦେଖୁଁ ।

**J. L. Leifeste**

—o—

## ପରମେଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହେବା
## ( Finding Favour in the God's Sight )

ପୁରାତନ ଜଗତ ପାପରେ ପରିପୂର୍ଣ୍ଣ ହେବା ସମୟରେ, ସଦାପ୍ରଭୁ ତାହା ବିନାଶ କରିବାକୁ ନିଶ୍ଚିତ ହେଲେ । ଭୂମଣ୍ଡଳରୁ ଆପଣା ସୃଷ୍ଟ ମନୁଷ୍ୟ, ପଶୁ, ଉରୋଗାମୀ ଜନ୍ତୁ ଓ ପକ୍ଷୀଗଣଙ୍କୁ ଲୁପ୍ତ କରିବାର ପରମେଶ୍ୱରଙ୍କ ସଂକଳ୍ପିନା ସମୟରେ, ତାହାଙ୍କ ଦୃଷ୍ଟିରେ ନୋହ ଅନୁଗ୍ରହ ପ୍ରାପ୍ତ ହେଲେ । (ଆଦି ୬:୮)। ପବିତ୍ର ଆତ୍ମା ନୋହଙ୍କ ବିଷୟରେ କହନ୍ତି, "ନୋହଙ୍କର ବଂଶାବଳୀ ଏହି । ନୋହ ଆପଣା ବର୍ତ୍ତମାନ ସମୟର ଲୋକମାନଙ୍କ ମଧ୍ୟରେ ଧାର୍ମିକ ଓ ସାଧୁ ଲୋକ ଥିଲେ । ନୋହ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ।" (ଆଦି ୬:୯) ।

ଦୁଷ୍ଟତାରେ ପରିପୂର୍ଣ୍ଣ ଏହି ଜଗତରେ ଧାର୍ମିକତାର ଏକ ବିଶିଷ୍ଟ ସ୍ଥାନ ଅଛି । ପାପପୂର୍ଣ୍ଣ ପୁରାତନ ଜଗତରେ ବିନାଶ ପୂର୍ବେ ଧାର୍ମିକତା ପରମେଶ୍ୱରଙ୍କ ଦୃଷ୍ଟି ଅମୂଲ୍ୟ ଥିଲା । ପାପ ଏକ ଆତ୍ମିକ ରୋଗ । ଏହା ସମାଜକୁ ରୋଗାକ୍ରାନ୍ତ କରି ବିନଷ୍ଟ କରେ । ପୁରାତନ ଜଗତର ନୋହଙ୍କ ଧାର୍ମିକତା ଯେପରି ପରମେଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ଥିଲା । ଆଜିର ଦୁଷ୍ଟ ଜଗତରେ ଧାର୍ମିକ ଆତ୍ମା ପରମେଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ଅଟନ୍ତି । ନୋହଙ୍କ ସଦୃଶ୍ୟ ତାହାଙ୍କ ପୂର୍ବ ପୁରୁଷ ହନୋକ, ମଥୂଶେଲହ, ଲେମକମାନେ ମଧ୍ୟ ଧାର୍ମିକ

ଜୀବନ ଯାପନ କରୁଥିଲେ ବୋଲି ଈଶ୍ୱରଙ୍କ ବାକ୍ୟରେ ଉଲ୍ଲେଖ କରାଯାଏ । ବାଇବଲ ଇତିହାସରେ ହନୋକ ଏବଂ ନୋହ କେବଳ ଦୁଇ ବ୍ୟକ୍ତି ଅଟନ୍ତି । ଯେଉଁମାନେ **ପରମେଶ୍ୱରଙ୍କ ସହିତ ଗମନାଗମନ କରୁଥିଲେ** ବୋଲି ଈଶ୍ୱରଙ୍କ ବାକ୍ୟରେ ଉଲ୍ଲେଖ କରାଯାଏ । ନୋହଙ୍କ ବିଷୟରେ ଏପରି ଲେଖିବାର କାରଣ କଅଣ ହୋଇ ପାରେ ? (୧) ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ । (୨) ସମସାମୟିକ ବ୍ୟକ୍ତିଗଣ ମଧ୍ୟରେ ସାଧୁ ଥିଲେ । (୩) ପରମେଶ୍ୱରଙ୍କ ଆଜ୍ଞାବହ ଥିଲେ । ଏହି ସବୁ କାରଣ ତାହାଙ୍କ ଅତୁଟ ବିଶ୍ୱାସର ସାକ୍ଷ୍ୟଥିଲେ । ତାହାଙ୍କ ବିଷୟରେ ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, " ବିଶ୍ୱାସ ଦ୍ୱାରା ନୋହ ସେ ସମୟ ପର୍ଯ୍ୟନ୍ତ ଅପ୍ରକାଶିତ ବିଷୟ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ, ପୁଣି ସେହି ବିଶ୍ୱାସ ଦ୍ୱାରା ସେ ଜଗତକୁ ଦୋଷୀ କରି ବିଶ୍ୱାସାନୁଯାୟୀ ଧାର୍ମିକତାର ଅଧିକାରୀ ହେଲେ ।"(ଏବ୍ରୀ ୧୧:୭)

ପରମେଶ୍ୱରଙ୍କ ସହିତ ତାହାଙ୍କ ଘନିଷ୍ଠ ସମ୍ପର୍କ ଯୋଗୁଁ ସେ ତାହାଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହୋଇଥିଲେ । ତାହାଙ୍କ ଜୀବନ ବିଶ୍ୱାସ ଓ ଆଜ୍ଞାବହତାର ନିଦର୍ଶନ । ବିଶ୍ୱାସରେ ପ୍ରଥମେ ପାଦର୍ପଣ କରି, ଆପଣା ନମ୍ର ସ୍ୱଭାବ ସୁସ୍ପଷ୍ଟ କରନ୍ତି । ନୋହ ଓ ହନୋକ ଆପଣା ନିସ୍ୱାର୍ଥପର ଜୀବନ ଦ୍ୱାରା ପରମେଶ୍ୱରଙ୍କ ନିକଟରେ ସନ୍ତୋଷମାନ ହୋଇ ପାରିଥିଲେ । ବିଶ୍ୱାସ, ଆଜ୍ଞାବହତା, ନିସ୍ୱାର୍ଥପରତା ଓ ନମ୍ରତା ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରହ ପାତ୍ର କରି ଥାଏ ।

ଖ୍ରୀଷ୍ଟଙ୍କଠାରେ ପ୍ରବେଶ କରିଥିବା ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏକ ନୂତନ ସୃଷ୍ଟି । ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିବାକୁ ସୁଯୋଗ ପାଇଥାଉ । ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି ବିଶ୍ୱାସ କରି, ମନପରିବର୍ତ୍ତନ କରି, ସ୍ୱୀକାର କରି ବାପ୍ତିଜିତ ହେବା ଖ୍ରୀଷ୍ଟଙ୍କ ଠାରେ ପ୍ରବେଶର ପାହାଚ ଗୁଡ଼ିକ । ଏଣୁକରି ପ୍ରେରିତପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ । ସମସ୍ତେ ହିଁ ତାହାଙ୍କ ମର-

ଣରେ ବାପ୍ତିଜିତ ହୋଇଅଛୁ । ଏହାକି ତୁମ୍ଭେମାନେ ଜାଣ ନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାର ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ । "(ରୋମୀୟ ୬:୩-୪)" ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ । "(ଗାଲାତୀ ୩:୨୭) ।" ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି । ପୁରାତନ ବିଷୟ ସବୁ ଲୋପ ପାଇ ଅଛି, ଦେଖ, ନୂତନ ବିଷୟ ସବୁ ହୋଇ ଅଛି ।" (୨ୟ କରିନ୍ଥୀ ୫:୧୭) ।

ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ବିଜୟୀ ହୋଇ ଅଛୁ, "ଈଶ୍ୱରଙ୍କର ଧନ୍ୟବାଦ ହେଉ, ସେ ସବୁବେଳେ ଆମ୍ଭମାନଙ୍କୁ ନେଇ ଖ୍ରୀଷ୍ଟଙ୍କ ଠାରେ ବିଜୟ ଯାତ୍ରା କରୁ ଅଛନ୍ତି ......" (୨ୟ କରିନ୍ଥୀ ୨:୧୪) । ଖ୍ରୀଷ୍ଟଙ୍କଠାରେ ପ୍ରବେଶିତ ପ୍ରତ୍ୟେକ ଖ୍ରୀଷ୍ଟିୟାନ ସୁରକ୍ଷିତ ଅଟନ୍ତି । "ଅତଏବ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ ।" (ରୋମୀୟ ୮:୧) ସମସ୍ତ ଆଶୀଷର ଆକାର ଆମ୍ଭମାନଙ୍କର ତ୍ରାଣକର୍ତ୍ତା ଅଟନ୍ତି ! ଆମ୍ଭମାନେ ପ୍ରଭୁ ଯୀଶୁଙ୍କଠାରେ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।" (ଏଫିସୀ ୧:୩) ।

ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏକ ନୂତନ ସୃଷ୍ଟି । ପାପ ଆମ୍ଭମାନଙ୍କ ଉପରେ ଆଉ ରାଜତ୍ୱ ନକରେ, ଧାର୍ମିକତା ରାଜତ୍ୱ କରେ । ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ସମସ୍ତ ପାପରୁ ମୁକ୍ତ କରେ । "କିନ୍ତୁ ସେ ଯେପରି ଜ୍ୟୋତି ନିବାସୀ, ଆମ୍ଭେମାନେ ଯଦି ସେପରି ଜ୍ୟୋତିରେ ଆଚରଣ କରୁଁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।" (ଏଫିସୀ ୧:୭) ।

ବାପ୍ତିଜିତ ହେବା ସମୟ ଠାରୁ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଶୟତାନ ସହିତ ଯୁଦ୍ଧ ଆରମ୍ଭହୁଏ । ଖ୍ରୀଷ୍ଟଙ୍କ ଠାରେ ନଥିବା ପ୍ରତ୍ୟେକ ବ୍ୟକ୍ତି ଶୟତାନର ଶିଷ୍ୟ । ଖ୍ରୀଷ୍ଟଙ୍କ ଠାରେ ପ୍ରବେଶିତ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ପାପରେ ପକାଇବା ନିମନ୍ତେ ଶୟତାନ ଅନେକ ପ୍ରକାରେ ପ୍ରଲୋଭିତ କରିଥାଏ । ଶୟତାନର ଚତୁରତା ଆପଣଙ୍କୁ ବଞ୍ଚାଇ ରଖିବା ବ୍ୟକ୍ତିମାନେ ହିଁ ପ୍ରକୃତ ବିଜୟୀ ଅଟନ୍ତି ।

ଖ୍ରୀଷ୍ଟଙ୍କ ଠାରେ ପ୍ରବେଶିତ ପ୍ରତ୍ୟେକ ଖ୍ରୀଷ୍ଟିୟନର ଶିଶୁ ବସ୍ଥାରେ ଈଶ୍ୱରଙ୍କ ବାକ୍ୟ ରୂପ ଦୁଧ ପାନ କରିବା ଆବଶ୍ୟକ । ତାହା ଆମ୍ଭମାନଙ୍କ ପତିତ ହେବା ଠାରୁ ରକ୍ଷା କରେ । ଗାଲାତି ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, "ମୁଁ ସୁନ୍ନତ ପ୍ରାପ୍ତ ପ୍ରତ୍ୟେକ ଜଣଙ୍କୁ ପୁନର୍ବାର ସାକ୍ଷ୍ୟ ଦେଉଅଛି ଯେ, ସେ ସମସ୍ତ ବ୍ୟବସ୍ଥା ପାଳନ କରିବା ନିମନ୍ତେ ଦାୟୀ । ତୁମ୍ଭେମାନେ ଯେତେ ଲୋକ ବ୍ୟବସ୍ଥା ଦ୍ୱାରା ଧାର୍ମିକ ଗଣିତ ହେବାକୁ ଚାହୁଁଅଛ । ତୁମ୍ଭେମାନେ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ ହୋଇଅଛ । ତୁମ୍ଭେମାନେ ଅନୁଗ୍ରହରୁ ପତିତ ହୋଇଅଛ । (ଗାଲାତି ୫:୩-୪) । ଗାଲାତୀୟ ମାନେ ଶୟତାନର "ସୁନ୍ନତ ମତ ପାଳନ"ର ବାଣରେ ପରାସ୍ତ ହୋଇ ଅନୁଗ୍ରହରୁ ପତିତ ହୋଇଥିଲେ ବୋଲି ଏହି ପଦରୁ ଜାଣିପାରୁ । ପିତରଙ୍କ ଭାଷାରେ, "ଅତଏବ ହେ ଭାଇମାନେ, ତୁମ୍ଭେମାନେ ଆପଣା ୨ ଆହ୍ୱାନ ଓ ମନୋନୟନକୁ ସ୍ଥିର କରିବା ନିମନ୍ତେ ଅଧିକ ଯତ୍ନଶୀଳ ହୁଅ; ଯେଣୁ ଏପରି କଲେ ତୁମ୍ଭେମାନେ କେବେ ହେଁ ଝୁଣ୍ଟି ପଡ଼ିବ ନାହିଁ ।" (୨ୟ ପିତର ୧:୧୦) । "ତୁମ୍ଭେମାନେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।" (ପ୍ରକାଶିତ ୨:୧୦) । ନୂତନ ନିୟମର ୨୭ ପୁସ୍ତକରୁ ୨୦ଟି ପୁସ୍ତକରେ ଖ୍ରୀଷ୍ଟିୟାନମାନଙ୍କୁ ଆପଣା ଆହ୍ୱାନ ଓ ମନୋନୟନକୁ ସ୍ଥିର ଯତ୍ନଶୀଳ ହେବା ନିମନ୍ତେ ସତର୍କ କରାଯାଇଅଛି । "ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ, ସେ ଯେପରି ପତିତ ନ ହୁଏ, ଏଥିନିମନ୍ତେ ସେ ସାବଧାନ ହେଉ ।" (୧ମ କରିନ୍ଥୀ ୧:୧୨) ଶେଷରେ ୧୫ଶ ପର୍ବ ପ୍ରଥମ ପଦରେ ସେ କହନ୍ତି, "ହେ ଭାଇମାନେ ମୁଁ ତୁମ୍ଭମାନଙ୍କ ନିକଟରେ

ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରି ଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛ, ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉ ଅଛି ।"

ଈଶ୍ୱରଙ୍କ ଏହି ସବୁ ସତର୍କତାର ବାକ୍ୟ ସତ୍ତ୍ୱେ ଯଦି ଆମ୍ଭେମାନେ ଅଜ୍ଞ ହୋଇ ରହୁ । ତେବେ ଆମ୍ଭମାନଙ୍କ ଅଜ୍ଞନତା ଆମ୍ଭମାନଙ୍କ ବିନାଶର କାରଣ ହେବ । ଆମ୍ଭେମାନେ ପରମେଶ୍ବରଙ୍କ ଦୃଷ୍ଟିରେ ଅନୁଗ୍ରହ ହୋଇ ପାରିବା ନାହିଁ ।

—Mariel Wayne Mitchell

ରାଜେଶ୍ୱରୀ ପ୍ରେସ, ନବରଙ୍ଗପୁର ।

# SOME THINGS THAT SHOULD BE FOUND IN EVERY HOME
## PROV. 22:6

INTRODUCTION :

1. The home is one of the greatest institutions in all the world and that cannot be denied.
2. The home is no worse than man and no better than man.
3. Certain things should be found within each home if it is going to be the kind of home that it should be.
4. Please consider the following things.

DISCUSSION :

**A. Some things that should be found in every home.**

1. Christian parents (Eph. 6:1).
2. A daily Bible study (2Tim. 2:15).
3. Daily prayer (Lk. 18:1).
4. Offering thanks at every meal (Phil. 4:6).
5. Love for one another (Col. 3:18-21).
6. A deep faith in God (Heb. 11:1-6).
7. Respect for one another (Eph. 6:1-4).
8. Godly living (Tit. 2:12).
9. Wholesome activities (Rom. 12:9).
10. Work or good works (Phil. 2:12).
11. Joy and happiness (1 Thess. 5:16).
12. Hope in this world and beyond (Tit. 1:2).

**B. What kind Of a Home Do You Have?**

1. Do you have a Christian home ?
2. Do you have a godly home?
3. What are you doing to make your home the kind of home that should be?
4. Is your home an asset to the community?

6. Do you have the kind of home that God is pleased with?

**C. Impove Your Home.**

1. Add these things that have been suggested.
2. Let God live with you and direct you along life's way
3. Follow the divine plan.

CONCLUSION :

1. There are many broken homes as a result of leaving God out.
2. The Lord would have every home to be successful.
3. As an individual work on the things that have been suggested.
4. The Lord will bless your labors, and moreover, he will bless a Christian home.

- **J. C. Choate.**

---

From

**SATYA VANI**
P.O. Box 80
KAKINADA - 533 001

Printed Book only

To

(FOR PRIVATE CIRCULATION ONLY)